ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୪ ଜାନୁୟାରୀ, ୨୦୨୩

**ଯୁବକଙ୍କୁ ମାଡ଼ ଅଭିଯୋଗ**

**ବଇଣ୍ଡା, (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଆରାମପୁରର ହୃଷୀକେଶ ନାୟକଙ୍କୁ ସେହି ଗ୍ରାମର ଗିରୀଶ ପ୍ରଧାନ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ହୃଷୀକେଶ ଘରେ ଥିବାବେଳେ ଗିରୀଶ ମଦ୍ୟପାନ କରି ଆସି ଗାଳିଗୁଲଜ କରିଥିଲେ। ଏ ନେଇ ହୃଷୀକେଶ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



## ସଂକ୍ଷେପରେ

### ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

**ବଇଣ୍ଡା, ୩।୧ (ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀ ପଞ୍ଚାୟତର ୮ ନମ୍ବର ୱାର୍ଡମେମ୍ବର ସୁଶାନ୍ତ ପ୍ରଧାନଙ୍କୁ ଅଶୁବାହାଳ ଗ୍ରାମର ପିତେଇ ପ୍ରଧାନ ସୋମବାର ବନ୍ଧୁକରେ ହତ୍ୟା ଉଦ୍ୟମ କରିଥିବା ସୁଶାନ୍ତ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପିତେଇଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ଘରୁ ଏକ ଚୋରା ଦେଶୀ ବନ୍ଧୁକ ଜବତ କରିଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟା ନେଇ ଗଣ୍ଡଗୋଳ ଲାଗିରହିଥିଲା। ସୋମବାର ସନ୍ଧ୍ୟାରେ ସାମାନ୍ୟ କଳହକୁ ନେଇ ସୁଶାନ୍ତ ଘରେ ଥିବାବେଳେ ପିତେଇ ଜନ୍ତୁ ଶିକାର କରିବା ପାଇଁ ରଖିଥିବା ଦେଶୀ ବନ୍ଧୁକ ଆଣି ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଗ୍ରାମବାସୀ ପିତେଇଙ୍କୁ କାବୁ କରିଥିଲେ।

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୩।୧ (ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ସାନ ଗୋବିନ୍ଦପୁର ଗ୍ରାମର କନ୍ଦର୍ପ ଭୋଇଙ୍କୁ ସେହି ଗ୍ରାମର ପ୍ରତାପ ଦେହୁରୀ ଓ ପ୍ରଶ୍ନ ଦେହୁରୀ ଠେଙ୍ଗାରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କନ୍ଦର୍ପ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରତାପ ଓ ପ୍ରଶ୍ନ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରଯାଇଛି।

### ଚୋରି ଲୁହା ଜବତ, ଜଣେ ଗିରଫ

**ଛେଣ୍ଡିପଦା,୩।୧(ସ୍ୱ.ପ୍ର):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଏକ ପ୍ଲାଣ୍ଟରୁ ଲୁହା ଚୋରି ଅଭିଯୋଗରେ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, କୋଲିୟାରୀ ଥାନା ଅଞ୍ଚଳର ଦୀପୁନ କୁମାର ସାହୁ ଲୁହା ଚୋରି କରି ପାଚେରି ବାହାରକୁ ଫୋପାଡି ଥିବା କମ୍ପାନୀ ସିକ୍ୟୁରିଟି କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏ ନେଇ ସିକ୍ୟୁରିଟି ଗାର୍ଡ ଜିତେନ୍ଦ୍ର କୁମାର ନିଶା ଥାନାକୁ ଖବର ଦେବା ସହିତ ଲିଖିତ ଅଭିଯୋଗ କରିଥିଲେ। ପାଲିସ ଘଟଣାସ୍ଥଳରେ ପହଞ୍ଚି ଲୁହା ଜବତ କରିବା ସହିତ ଦୀପୁନଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୩/୨୩ରେ ଏକ ମାମଲା ରୁଜୁ କରାଯାଇଛି।

# ସନ୍ତୋଷଜନକ ନୁହେଁ ବ୍ୟାଙ୍କ ସେବା

**ବଇଣ୍ଡା, ୩।୧ (ଡି.ଏନ.ଏ.)**

- ଜିଲାପାଳଙ୍କ ନିକଟରେ ବଇଣ୍ଡାବାସୀଙ୍କ ଅଭିଯୋଗ
- ଟଙ୍କା ଉଠାଣ ପାଇଁ ଆସିଲେ ହେବାକୁ ପଡ଼ୁଛି ହନ୍ତସନ୍ତ
- ନେଟ୍‌ୱର୍କ ନ ଥିବା କହି ଫେରାଇ ଦେଉଛନ୍ତି କର୍ମଚାରୀ

ବ୍ୟାଙ୍କ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି। ସରକାରଙ୍କ ବିଭିନ୍ନ ଯୋଜନାରେ ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସୁଥିବାରୁ ପୂର୍ବାପେକ୍ଷା ଅଧିକ ଲୋକେ ବ୍ୟାଙ୍କ ସହିତ ଯୋଡ଼ି ହୋଇଛନ୍ତି। ହେଲେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜାମୁନାଳି ଠାରେ ଥିବା ଏକ ବ୍ୟାଙ୍କ ଶାଖାରେ ଗ୍ରାହକଙ୍କୁ ଆବଶ୍ୟକ ସେବା ମିଳୁ ନ ଥିବା ବଇଣ୍ଡା ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜାମୁନାଳୀ ପଞ୍ଚାୟତବାସୀଙ୍କ ଅନୁରୋଧ କ୍ରମେ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଉକ୍ତ ବ୍ୟାଙ୍କର ଏକ ଶାଖା ୨୦୧୭ ମସିହାରେ ଖୋଲିଥିଲା। ଏହି ବ୍ୟାଙ୍କ ଉପରେ କିଶୋରନଗର ବ୍ଲକର ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀ, କଣ୍ଟେଇକୋଲିଆ, ହଣ୍ଡପା, କଟରଙ୍ଗା, ଲୁହାମୁଣ୍ଡା, ବିଲେଇନାଳି, ଆଠମଲ୍ଲିକ ବ୍ଲକର ପେଡିପଥର, ସାନହୁଲା, ଛେଣ୍ଡିପଦା ବ୍ଲକର କତଡା ପଞ୍ଚାୟତବାସୀ ନିର୍ଭର କରନ୍ତି। ହେଲେ କିଛି ମାସ ହେବ ଏହି ବ୍ୟାଙ୍କରେ ଗ୍ରାହକଙ୍କୁ ଉତ୍ତମ ସେବା ମିଳୁନାହିଁ। ସରକାରୀ ଯୋଜନାର ଅନେକ ହିତାଧିକାରୀ ଆସିଥିବା ଭତ୍ତା ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟଙ୍କା ଉଠାଣ କରି ପାରୁନାହାନ୍ତି। ଲିଙ୍କ ନ ଥିବା କହି ବାରମ୍ବାର ସେମାନଙ୍କୁ ବ୍ୟାଙ୍କରୁ ଫେରାଇ ଦିଆଯାଉଛି। ସେହିପରି ବଇଣ୍ଡାର କେତେଜଣ ବଡ ବ୍ୟବସାୟୀ ଉକ୍ତ ବ୍ୟାଙ୍କ ଖାତାରେ ଟଙ୍କା ଡିପୋଜିଟ କରୁଥିଲେ ମଧ୍ୟ ଖାତା ଅପଟୁଡେଟ କରାଯାଉନାହିଁ। ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ବ୍ୟାଙ୍କରେ ଆବଶ୍ୟକ କର୍ମଚାରୀ ନ ଥିବା ବେଳେ ସିକ୍ୟୁରିଟି ମଧ୍ୟ ନିୟୋଜିତ କରାଯାଉନାହିଁ। ଏଟିଏମ୍ ବ୍ୟବସ୍ଥା ନ ଥିବା ବେଳେ ବ୍ୟାଙ୍କରେ ଗ୍ରାହକମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରାଯାଉ ନ ଥିବା ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ପି.କେ. ସାହୁ କହିଛନ୍ତି। ତୁରନ୍ତ ବ୍ୟାଙ୍କରେ ଉଚିତ ସେବା ନ ମିଳିଲେ ଆଗାମୀ ଦିନରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ବଇଣ୍ଡାବାସୀ କଡା ଚେତାବନୀ ଦେଇଛନ୍ତି। ଏ ନେଇ ଶାଖା ପରିଚାଳକ ସୁରେଶ ଭୋଇ କହିଛନ୍ତି, ବ୍ୟାଙ୍କରେ ବହୁ ମାତ୍ରାରେ ଗ୍ରାହକ ହୋଇଯାଇଥିବା ବେଳେ ଅନେକ ସମୟରେ ନେଟୱର୍କ ନ ଥିବା ଯୋଗୁ ସେବା ଯୋଗାଇ ଦେବାରେ ଅସୁବିଧା ସୃଷ୍ଟି ହେଉଛି। ସମ୍ବଲପୁର ରିଜିଓନାଲ ମ୍ୟାନେଜର ଏସ୍. ଗଣ୍ଡ କହିଛନ୍ତି, ଗ୍ରାହକଙ୍କୁ କିଭଳି ଭଲ ସେବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବ ସେ ନେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜାମୁନାଳୀ ଠାରେ ଥିବା ସମସ୍ୟାର ଶୀଘ୍ର ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯିବ।



**ଆଳ ଦେଖାଇ ହଇରାଣ କରାଯାଉଛି**
ଉକ୍ତ ବ୍ୟାଙ୍କକୁ ଯାଉଥିବା ଗ୍ରାହକଙ୍କୁ ଠିକଣା ସେବା ଯୋଗାଇ ଦିଆଯାଉନାହିଁ। ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ହଇରାଣ କରାଯାଉଛି। ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଅନ୍ତୁ।
–ପ୍ରମୋଦ କୁମାର ପ୍ରଧାନ, ଗାଁ ବଇଣ୍ଡା



**ଉତ୍ତମ ସେବା ଦିଗରେ ଦୃଷ୍ଟି ଦିଆଯାଉ**
ଡିଜିଟାଲ ଯୁଗରେ ବ୍ୟାଙ୍କ ସେବା ଉପଯୁକ୍ତ ଭାବେ ଗ୍ରାହକଙ୍କୁ ନ ମିଳିବା ଦୁର୍ଭାଗ୍ୟଜନକ। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ସହ ଉତ୍ତମ ସେବା ଯୋଗାଇ ଦେବା ନିମନ୍ତେ ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।
–ଅମିତ ବିକ୍ରମ ନାୟକ, କଦଳୀମୁଣ୍ଡା



**ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେବାକୁ ପଡ଼ୁଛି**
ଅନେକ ହିତାଧିକାରୀ ଗାଡି ଭଡ଼ା କରି ବ୍ୟାଙ୍କକୁ ଆସୁଛନ୍ତି। କିନ୍ତୁ ଠିକଣା ସେବା ପାଉ ନ ଥିବା ଯୋଗୁ ନିରାଶ ହୋଇ ଘରକୁ ଫେରୁଛନ୍ତି। ବୃଦ୍ଧାବୃଦ୍ଧମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେଉଥିଲେ ମଧ୍ୟ କାର୍ଯ୍ୟ ହୋଇପାରୁ ନାହିଁ।
–ସୁମନ୍ତ ସାହୁ, ଇଚ୍ଛାପୁର



**୨୪ ଘଣ୍ଟିଆ ନେଟ୍‌ୱର୍କ ବ୍ୟବସ୍ଥା ହେଉ**
ବଇଣ୍ଡା ଅଞ୍ଚଳରୁ ୫ କି.ମି. ଦୂରରେ ଥିବା ଏହି ବ୍ୟାଙ୍କକୁ ଯାଇ ଗ୍ରାହକମାନେ ଅନେକ ସମୟରେ ନିରାଶ ହୋଇ ଫେରୁଛନ୍ତି। ଇଣ୍ଟରନେଟ୍ ନେଟ୍‌ୱର୍କ ଠିକ୍ ଭାବେ ଆସୁ ନ ଥିବା ଅଞ୍ଚଳରେ ବ୍ୟାଙ୍କ ହୋଇଥିବା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ୨୪ ଘଣ୍ଟିଆ ନେଟ୍‌ୱର୍କ ବ୍ୟବସ୍ଥା ହେଉ।
–ଦୀପ୍ତିମୟୀ ସାହୁ, ସରପଞ୍ଚ, ନୁନୁକାପଶି

### ମୋଟରସାଇକେଲ ଚୋରି

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳ ଜିଲା ବିକ୍ରମପୁର ଥାନା ଅନ୍ତର୍ଗତ ଏକ କମ୍ପାନୀ ସମ୍ମୁଖରୁ ମୋଟର ସାଇକେଲ ଚୋରି ହୋଇଛି। ଏ ନେଇ ଯାଜପୁର ଜିଲାର ଧର୍ମେନ୍ଦ୍ର ପରିଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଧର୍ମେନ୍ଦ୍ର ତାଙ୍କ ଭାଇଙ୍କ ନାମରେ ଥିବା ମୋଟର ସାଇକେଲ (ନଂ ଓଡି ୦୪ ଏନ୍ ୩୭୮୨)ରେ କମ୍ପାନୀକୁ ଯାଇଥିଲେ। କମ୍ପାନୀରୁ ବାହାରିବା ପରେ ତାଙ୍କ ଗାଡ଼ି ପାଇ ନ ଥିଲେ।

### ମାରପିଟ, ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳ ଜିଲା କୋଲିୟାରୀ ଥାନା ଅଞ୍ଚଳର ରଶ୍ମିତା ରଣାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫/୨୩ରେ ମାମଲା ରୁଜୁ କରିବା ସହ ମାରପିଟ ଅଭିଯୋଗରେ ଡେରା ଅଞ୍ଚଳର ସିଦ୍ଧୁ ସାହୁ(୩୫)ଙ୍କୁ ଗିରଫ କରିଛି। ପୋଲିସ କହିଛି, ସିଦ୍ଧୁ ସୋମବାର ରଶ୍ମିତାଙ୍କ ଘର ଭିତରେ ପଶି ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ମାରପିଟ କରିଥିଲେ। ଅଭିଯୋଗ ପରେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଛାତ୍ରୀମାନଙ୍କୁ ସୁରକ୍ଷା ସମ୍ପର୍କିତ କୌଶଳ ଶିଖାଯାଉଛି।

**ବଇଣ୍ଡା, ୩।୧ (ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀ ଆତ୍ମରକ୍ଷା କୌଶଳ ସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ବଳରାମ ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ କିଭଳି ଛାତ୍ରୀଙ୍କୁ ସବୁକ୍ଷେତ୍ରରେ ସୁରକ୍ଷା ଦିଆଯିବ, ସେନେଇ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ, କ୍ରୀଡ଼ା ଅଧ୍ୟାପକ ବିଭୁଧେନ୍ଦ୍ର ସାହୁ, ଅଧ୍ୟାପକ ଆଶୁତୋଷ ମିଶ୍ର, ଜ୍ଞାନେନ୍ଦ୍ର ବିଶ୍ୱାଳ, ବିଜୟ କୁମାର ଗଡନାୟକ, ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପ୍ରିୟଦର୍ଶନୀ ପ୍ରଧାନ ଯୋଗଦେଇ ଛାତ୍ରୀମାନେ କିଭଳି ନିଜକୁ ବିପଦରୁ ମୁକ୍ତ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୬୮ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି।

## ୧୦ରେ ଜୋର୍‌ଦାର ଆନ୍ଦୋଳନ

**ଜିଲା ଜନଜୀବନ ସୁରକ୍ଷା କମିଟିର ନିଷ୍ପତ୍ତି**

**ଅନୁଗୋଳ ଅଫିସ, ୩।୧**



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲାର ଦୀର୍ଘଦିନର ଦାବି ତାଳଚେର ମେଡିକାଲ କଲେଜକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେଶାଲିଷ୍ଟ ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ସମସ୍ତ ଜାଗାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ପ୍ରଦୂଷଣ ବଳୟରେ ଜର୍ଜରିତ ଜିଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଦେୟମୁକ୍ତ ବିଜୁଳି ଯୋଗାଇଦେବା, ବିସ୍ଥାପନ ପୂର୍ବରୁ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ, ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ଆଦି ଦାବିରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଆସନ୍ତା ୧୦ ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ। ଏହି ଜନ ଆନ୍ଦୋଳନଙ୍କୁ ସଫଳ କରିବା ପାଇଁ ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ଠାରେ କମିଟିର ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ପଠାଣି ବାରିହା, ତୀର୍ଥବାସୀ ଭୋଇ, ମାନସ ପାଳ, ପର୍ଶୁରାମ ଦାସ, ନିରୋଦ ଚନ୍ଦ୍ର ପାଳ, ତ୍ରେତାନନ୍ଦ ସାମନ୍ତ, ଦାମୋଦର ଦାସ, ନିରୁପମା ପ୍ରଧାନ, ତ୍ରିଲୋଚନ ଜେନା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

## ବ୍ଲକସ୍ତରୀୟ କ୍ରିକେଟ: କୁଲେଇ ଚାମ୍ପିୟନ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**କଣିହାଁ, ୩।୧ (ଡି.ଏନ.ଏ.)**

କଣିହାଁ ବ୍ଲକ ପ୍ରଶାସନ ତରଫରୁ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଶେଷ ହୋଇଛି। ସମଲ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଆୟୋଜିତ ଫାଇନାଲ ମ୍ୟାଚରେ କମରେଇ ପଞ୍ଚାୟତକୁ ହରାଇ କୁଲେଇ ପଞ୍ଚାୟତ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସଭାରେ ବିଡିଓ ନିଶାନ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ, ବୃନ୍ଦାବନ ପ୍ରଧାନ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏବିଡିଓ ହିମାଂଶୁ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରମୁଖ ଅଧିକାରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ: ତାଳଚେର ଚାମ୍ପିୟନ

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳସ୍ଥିତ ମା ବାସନ୍ତୀ ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଫାଇନାଲ ମ୍ୟାଚରେ ତାଳଚେର ଦଳ କଣିହାଁକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିବା ବେଳେ ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ତହସିଲଦାର ବିମଳ କୁମାର ଲେଙ୍କା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। କଣିହାଁ ଦଳର ଅଜୟ ସାହାଣୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ବାସନ୍ତୀ ଭଲିବଲ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା ଜିଲାରେ ଖେଳର କିଭଳି ଉନ୍ନତି ହେବ ସେ ନେଇ ଚେଷ୍ଟା କରୁଛନ୍ତି।



ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳାଳିମାନେ।

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳ ଜିଲାର ୮ଟି ବ୍ଲକକୁ ନେଇ ଏକ ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଦମ ପଡ଼ିଆରେ ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଗୋଳ, ବଣ୍ଟରପାଳ, ତାଳଚେର ଓ ଛେଣ୍ଡିପଦା ବ୍ଲକ ମଧ୍ୟରେ ମ୍ୟାଚ ଖେଳାଯାଇ ଥିଲା। ଏଥିରେ ଅନୁଗୋଳକୁ ୯ ରନ୍‌ରେ ହରାଇ ବଣ୍ଟରପାଳ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଛେଣ୍ଡିପଦାକୁ ୨୭ ରନ୍‌ରେ ହରାଇ ତାଳଚେର ସେମିଫାଇନାଲରେ ପ୍ରବେଶ କରିଥିଲା। ବଣ୍ଟରପାଳ ଓ ତାଳଚେର ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ବଣ୍ଟରପାଳ ୧୩ ରନ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ଜିଲାସ୍ତରୀୟ କ୍ରିକେଟ୍ ମ୍ୟାଚରେ ଅତିଥି ଭାବେ ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୮ ଶିଶୁଙ୍କ ଥଇଥାନ ବ୍ୟବସ୍ଥା

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ସୋମବାର ଆଠମଲ୍ଲିକ ବ୍ଲକ ଗସ୍ତରେ ଯାଇ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ୮ ଶିଶୁଙ୍କୁ ଭେଟି ଥଇଥାନ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନେଇଛନ୍ତି। ଗୋଟିଏ ପରିବାରର ମା' ବାପା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବାରୁ ସେମାନଙ୍କ ୪ ପିଲା ବୃଦ୍ଧା ଜେଜେ ମା'ଙ୍କ ନିକଟରେ ଆଶ୍ରୟ ନେଇଛନ୍ତି। ଏହି ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବେହେରା ଉକ୍ତ ଘରକୁ ଯାଇ ପିଲାଙ୍କୁ ଭେଟିଥିଲେ। ତେବେ ପିଲାଙ୍କ ମାଉସୀ ସେମାନଙ୍କୁ ପାଖରେ ରଖିବାକୁ ଆଗ୍ରହ ଦେଖାଇଥିଲେ। ପିଲାମାନେ ମଧ୍ୟ ଏଥିରେ ସହମତ ହୋଇଥିଲେ। ଏହି ପିଲାମାନଙ୍କୁ ସରକାରଙ୍କ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା କରିଥିଲେ। ସେହିପରି ଅନ୍ୟ ୨ ପରିବାରର ୪ ଶିଶୁ ମା' ବାପାଙ୍କୁ ହରାଇଥିବାରୁ ସେମାନଙ୍କୁ ଭେଟି ପାଠପଢ଼ା ପାଇଁ ସହାୟତା କରିବାକୁ ପଦକ୍ଷେପ ନେଇଥିଲେ। ସମସ୍ତ ପିଲା ଜାତିଗତ ପ୍ରମାଣପତ୍ର ପାଇବା ପରେ ନିକଟସ୍ଥ ଜାତି ଓ ଜନଜାତି ବିଭାଗ ଆବାସିକ ବିଦ୍ୟାଳୟରେ ସେମାନଙ୍କ ନାମ ଲେଖାଯିବ। ରାଶନ କାର୍ଡରେ ନାମ ନ ଥିବା ଶିଶୁଙ୍କର ତୁରନ୍ତ ଅନ୍ତର୍ଭୁକ୍ତ କରାଯିବାକୁ ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ ବିଡିଓଙ୍କ ସହ ଆଲୋଚନା କରିଥିଲେ। ବେହେରାଙ୍କ ଏହି ପରିଦର୍ଶନ ବେଳେ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, କମ୍ପଲା ସରପଞ୍ଚ ସୁଧୀର ସେଠୀ, ସମିତି ସଭ୍ୟା ମାମୀ ସେଠୀ, ଆଶା ଦିଦି ପ୍ରମୁଖ ଉପସ୍ଥିତ ଥିଲେ।



ଏକ ପରିବାରର ଅସହାୟ ଶିଶୁଙ୍କୁ ଭେଟୁଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ।

## ଗୋଦାମରୁ ୩୨୫ ବସ୍ତା ଧାନ ଜବତ

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳ ଜିଲା ଯୋଗାଣ ବିଭାଗ ସ୍କ୍ୱାଡ୍ ଜଣେ ଧାନ ଦଲାଲଙ୍କୁ ଧରିବାରେ ସଫଳ ହୋଇଛି। ବଣ୍ଟରପାଳ ବ୍ଲକ ଫୁଲପଡ଼ା ଛକରେ ଥିବା ପଣ୍ଡପୁର ଗ୍ରାମର କୁମର ଗଡ଼ନାୟକଙ୍କ ଗୋଦାମରୁ ୩୨୫ ବସ୍ତାରେ ଥିବା ଦେଢ଼ଶହ କୁଇଣ୍ଟାଲ ଧାନ ଜବତ କରାଯାଇଛି। ଜବତ ଧାନ ଏକ ରାଇସ୍ ମିଲ୍‌କୁ ପ୍ରଦାନ କରାଯାଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ବିଭାଗ ପକ୍ଷରୁ କୁହାଯାଇଛି, ଜିଲାରେ ଚାଷୀ ଧାନ ବିକ୍ରି କରିବା ପାଇଁ ମଣ୍ଡି ଖୋଲାଯାଇଛି। କିନ୍ତୁ ମଣ୍ଡିକୁ ଧାନ ଯିବା ପୂର୍ବରୁ ଦଲାଲ୍‌ମାନେ ବିଭିନ୍ନ ଗ୍ରାମରେ ସକ୍ରିୟ ହୋଇପଡ଼ିଛନ୍ତି। ଲୋକଙ୍କୁ ଭୁଆଁ ବୁଲାଇ ଧାନ କିଣୁଛନ୍ତି। ଫଳରେ ମଣ୍ଡିକୁ ଯିବାକୁ ଚାଷୀମାନେ ଅମଙ୍ଗ ହେଉଛନ୍ତି। ଫୁଲପଡ଼ା ଅଞ୍ଚଳରେ କୁମର ଦୀର୍ଘ ଦିନ ହେବ ହଲର କରି ଧାନ ଖରିଦ କରୁଥିଲେ। ହଲର ପଛ ପାର୍ଶ୍ୱରେ ଥିବା ଗୋଦାମରେ ଧାନ ଗଚ୍ଛିତ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପହଞ୍ଚିବା ପରେ ଯୋଗାଣ ବିଭାଗ ମଙ୍ଗଳବାର ଗୋଦାମରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ କୁମର ଲୋକମାନଙ୍କ ଧାନ ଏଠାରେ ରହିଛି ଓ ଚାଉଳ କରି ନେବେ ବୋଲି ସଫେଇ ଦେଇଥିଲେ। ଏ ବାବଦକୁ କୁଇଣ୍ଟାଲ ପିଛା ଲୋକମାନେ ଦେଢ଼ ହାଜାର ଟଙ୍କା ପାରିଶ୍ରମିକ ଦେଉଥିବା ସେ କହିଥିଲେ। ହେଲେ ଯୋଗାଣ ବିଭାଗ କାଗଜପତ୍ର ମାଗିବାରୁ ତାହା ସେ ଦେଖାଇ ପାରି ନ ଥିଲେ। ଏ ନେଇ ଜିଲାପାଳଙ୍କ କୋର୍ଟରେ ଲିଖିତ ଅଭିଯୋଗ କରାଯିବ। ବିଚାର ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଆପଣାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଚଢ଼ାଉରେ ସ୍କ୍ୱାଡ୍ ଅଧିକାରୀ ତଥା ଅତିରିକ୍ତ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସହକାରୀ ଯୋଗାଣ ଅଧିକାରୀ ଟିକନ ଚରଣ ମହାନ୍ତି, ମୀନାରବାଳା ସେନ, ଯୋଗାଣ ନିରୀକ୍ଷକ ସୀମା ନାଥ୍, ମାନ ନିରୀକ୍ଷକ ସୁବ୍ରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଗୋଦାମରେ ଜିଲା ଯୋଗାଣ ବିଭାଗ ସ୍କ୍ୱାଡ୍ ଚଢ଼ାଉ କରୁଛି।

# କ୍ରଶରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

- ମାଲିକଙ୍କୁ ମରଣାନ୍ତକ ଆକ୍ରମଣ
- ଫାଙ୍କା ଗୁଳି ଚଳାଇ ୭.୪୩ ଲକ୍ଷ ଟଙ୍କା ଲୁଟ୍

**ଢେଙ୍କାନାଳ ଅଫିସ, ୩।୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନୂଆ ଓଡ଼ାପଡ଼ାର କ୍ରଶର ମାଲିକ ଯୁବରଞ୍ଜନ ପଣ୍ଡା (୪୪) ଏବଂ ସୁବ୍ରତ କୁମାର ନାୟକଙ୍କ ଉପରେ ସୋମବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଉଭୟେ ରାତ୍ରି ଭୋଜନ କରୁଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ମାରଣାସ୍ତ୍ର ଧରି କାର୍ଯ୍ୟାଳୟରେ ପଶି ଅତର୍କିତ ଆକ୍ରମଣ କରିବା ସହ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଭୟଭୀତ କରାଇବାକୁ ଏକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ନଗଦ ୭ ଲକ୍ଷ ୪୩ ହଜାର ଟଙ୍କା, ଗୋଟିଏ ସୁନା ଚେନ୍, ଦୁଇଟି ମୋବାଇଲ ଫୋନ୍ ନେଇ ଚମ୍ପଟ ମାରିଛନ୍ତି। ଯିବା ପୂର୍ବରୁ ସିସିଟିଭି କ୍ୟାମେରା ଭାଙ୍ଗିଦେବା ସହ ହାର୍ଡଡିସ୍କକୁ ନେଇଯାଇଛନ୍ତି। ଗୁରୁତର ଯୁବରଞ୍ଜନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୁବ୍ରତଙ୍କ ଅଭିଯୋଗକ୍ରମେ ମୋଟଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇଛି।





ଗୁରୁତର ଯୁବରଞ୍ଜନ ପଣ୍ଡା। ଜବତ ଖୋଖା (ଇନ୍‌ସେଟ୍)

ହିନ୍ଦୋଳ ରୋଡ୍ ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ଅଭିଯୋଗ ପାଇ ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ଖୋଖା ଜବତ କରାଯାଇଛି।

ଅନ୍ୟପଟେ ଢେଙ୍କାନାଳ ଏସ୍‌ପିଙ୍କ ବଦଳି ପରେ ଉକ୍ତ ପଦବୀରେ କେହି ଯୋଗ ଦେଇନାହାନ୍ତି। ଏତେବଡ଼ ଆପରାଧିକ ଘଟଣା ସମ୍ପର୍କରେ ଜିଲା ପୋଲିସ କାର୍ଯ୍ୟାଳୟରେ ଅବସ୍ଥାପିତ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତାଙ୍କ ନିକଟରେ କୌଣସି ସୂଚନା ନ ରହିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି କି ସଦର ଏସ୍‌ଡିପିଓ କିମ୍ବା ମୋଟଙ୍ଗା ଥାନା ଅଧିକାରୀ ଏ ସମ୍ପର୍କରେ ଜଣାଇ ନ ଥିବାରୁ ଦୁଇ ଅତିରିକ୍ତ ଏସ୍‌ପି କହିଛନ୍ତି। ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କୁହନ୍ତି, ଏ ନେଇ ମୋଟଙ୍ଗା ଥାନାରେ ନଂ. ୪/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଫାଇନାନ୍ସ କର୍ମଚାରୀଙ୍କୁ ଲୁଟିଲେ

**ରାଜପଥରେ ଲୁଟେରା ସକ୍ରିୟ**

**ପରଜଙ୍ଗ, ୩।୧ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ସକ୍ରିୟ ହୋଇଉଠିଛନ୍ତି ରାଜପଥ ଲୁଟେରା। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ୫୩ନଂ. ଜାତୀୟ ରାଜପଥର ମୁଣ୍ଡେଇଲୋ-ହାତୀଲୁଟାଣୀ ରାସ୍ତାରୁ ଅନ୍ନପୂର୍ଣ୍ଣା ଫାଇନାନ୍ସ ସଂସ୍ଥାର କର୍ମଚାରୀ ସଂଗ୍ରାମ ଦଳେଇଙ୍କଠାରୁ ୪୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପରଜଙ୍ଗ ଥାନା ନିକଟରେ ଥିବା 'ଅନ୍ନପୂର୍ଣ୍ଣା' ସଂସ୍ଥାରେ କାର୍ଯ୍ୟରତ ସଂଗ୍ରାମ ଓଡ଼ସିଙ୍ଗା ଗ୍ରାମରୁ ଅର୍ଥ ସଂଗ୍ରହ କରି ଫେରୁଥିଲେ। ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ସେମାନଙ୍କ ପିଛା କରି ହାତୀଲୁଟାଣୀ-ମୁଣ୍ଡେଇଲୋ ରାସ୍ତାରେ ଅଟକାଇଥିଲେ। ସଂଗ୍ରାମ ବାଇକ୍ ଛାଡ଼ିଦେଇ ଦୌଡ଼ି ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଲୁଟେରାମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରାଇ ୪୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ଏ ନେଇ ସଂଗ୍ରାମ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଥାନାରେ ଅନୁପସ୍ଥିତ ଥିବାରୁ ଅଭିଯୋଗ ସଂକ୍ରାନ୍ତରେ କୌଣସି ସୂଚନା ନ ଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି। ପରଜଙ୍ଗ ଅଞ୍ଚଳରେ ରାହାଜାନି, ଲୁଟ୍‌ତରାଜ ବଢ଼ିବାରେ ଲାଗିଛି। ଥାନାରେ ଥିବା ଏକମାତ୍ର ଗାଡ଼ି ତଦନ୍ତ କାର୍ଯ୍ୟରେ ବ୍ୟସ୍ତ ରହୁଛି। ସୂଚନା ପାଇବା ସତ୍ତ୍ୱେ ଘଟଣାସ୍ଥଳରେ ପହଞ୍ଚି ପାରୁନାହିଁ। ତେଣୁ ଥାନାକୁ ଅନ୍ୟ ଏକ ଗାଡ଼ି ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଲୁଟ୍‌ର ଶିକାର ସଂଗ୍ରାମ ଦଳେଇ।

## ମହିମା ଗୋସାଇଁ ଟ୍ରେନ୍‌କୁ ସ୍ୱାଗତ

**ଢେଙ୍କାନାଳ ଅଫିସ, ୩।୧**

କୋଲକାତାରୁ ଢେଙ୍କାନାଳ-ଅନୁଗୋଳ ଦେଇ ସମ୍ବଲପୁରକୁ ସପ୍ତାହକୁ ୩ ଦିନ ଚଳାଚଳ କରୁଥିବା ନୂତନ ମହିମା ଗୋସାଇଁ ଟ୍ରେନ୍‌କୁ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ଦୀର୍ଘଦିନର ଦାବି ପରେ ଉକ୍ତ ଟ୍ରେନ୍‌କୁ ମହିମା ଗୋସାଇଁଙ୍କ ନାମରେ ନାମିତ କରାଯାଇଥିବାରୁ ପରିଷଦର କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଏମ୍‌ପି ମହେଶ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଢେଙ୍କାନାଳରୁ କପିଳାସ, ମହିମାଗାଦି ଯୋରନ୍ଦା, ଗଁଦିଆ, ମନ୍ଦାର ଓ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଗ୍ରାମ ଭୁବନ ବ୍ଲକର ନୀଳକଣ୍ଠପୁରକୁ ରେଳ ମାନଚିତ୍ରରେ ଯୋଡ଼ିବା ଲାଗି ଅନୁଗୋଳ-ସୁକିନ୍ଦା ରେଳପଥ ସହ ସଂଯୋଗ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ୟମ କରିବା ଲାଗି ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ଅଖିଳ ରଥ, ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ, ସମ୍ପାଦକ ମଳୟ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ କ୍ଷେତ୍ରବାସୀ ସାହୁ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ନିବେଦନ କରିଛନ୍ତି। ଏହା ହେଲେ ପ୍ରସିଦ୍ଧ ଶୈବପୀଠ, ମହିମାଗାଦି, ବାଜି ରାଉତଙ୍କ ଜନ୍ମସ୍ଥାନର ଗୁରୁତ୍ୱ ବଢ଼ିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମାଣିକମରାରେ ମଣ୍ଡି ଆରମ୍ଭ

**ପରଜଙ୍ଗ, ୩।୧ (ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ମାଣିକମରା ସେବା ସମବାୟ ସମିତିରେ ମଙ୍ଗଳବାରଠାରୁ ଖରିଫ୍ ଧାନ ସଂଗ୍ରହ ଲାଗି ମଣ୍ଡି ଆରମ୍ଭ ହୋଇଛି। ସଭାପତି କାଳିନ୍ଦୀ ଚରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ପୂର୍ବତନ ସଭାପତି ଦେବରାଜ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମବାୟ ସେକ୍ରେଟାରୀ, ୧୬ ଡାଇରେକ୍ଟରଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

### କ୍ଲଷ୍ଟରସ୍ତରୀୟ ତାଲିମ

**ଢେଙ୍କାନାଳ ଅଫିସ, ୩।୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ସୁନୀଲ କୁମାର ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଷଡ଼ଙ୍ଗୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସାହୁ, ବରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟେନ୍ଦ୍ର କୁମାର ସାହୁ, ଆଖଣ୍ଡଳମଣି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଜଙ୍ଗଲରୁ ଶାଳଗଣ୍ଡି ଜବତ



**ପରଜଙ୍ଗ, ୩।୧ (ଡି.ଏନ୍.ଏ.):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଡିହତୋଳ ଫରେଷ୍ଟ ସେକ୍ସନ ଅଧୀନ ଖାଲପାଳ ସଂରକ୍ଷିତ ଜଙ୍ଗଲର କୁଲେଇ ପ୍ଲାଣ୍ଟ ନିକଟରୁ ମଙ୍ଗଳବାର ବନ ବିଭାଗ ଶାଳଗଣ୍ଡି ଜବତ କରିଛି। ଜବତ କାଠର ପରିମାଣ ପ୍ରାୟ ୫୦ ଘନଫୁଟ ହେବ ବୋଲି ଫରେଷ୍ଟର ଅଜିତ ଦଳେଇ ସୂଚନା ଦେଇଛନ୍ତି। ଚଢ଼ାଉ ପୂର୍ବରୁ କାଠକଟାଳିମାନେ ଫେରାର ହୋଇଯାଇଥିବାବେଳେ ଜବତ କାଠ ବନ କାର୍ଯ୍ୟାଳୟକୁ ଅଣାଯାଇଛି। ଫରେଷ୍ଟଗାର୍ଡ ଲୁସ୍ମିତା ସିଂଙ୍କ ସମେତ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ଇନ୍‌କ୍ସଟାକୋ-୨୦୨୨: ଢେଙ୍କାନାଳ ଜାଭିୟର୍ସ ହାଇସ୍କୁଲ ଚାମ୍ପିୟନ୍

**ଢେଙ୍କାନାଳ ଅଫିସ, ୩।୧:** କୋରାପୁଟ ଜିଲା ଜୟପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗତ ଡିସେମ୍ବର ୨୨ରୁ ଦୁଇଦିନ ଧରି ଅନୁଷ୍ଠିତ ସର୍ବଭାରତୀୟ ଇଣ୍ଟର ଜାଭିୟର୍ସ ଟ୍ୟାଲେଣ୍ଟ କଣ୍ଟେଷ୍ଟ (ଇନ୍‌କ୍ସଟାକୋ) ପ୍ରତିଯୋଗିତାରେ ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ୫ମ ଥର ପାଇଁ ଚାମ୍ପିୟନ ଟ୍ରଫି ହାସଲ କରିଛି। ଏଥିରେ ଦେଶର ୨୫ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୦୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦଳଗତ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, ପାଣ୍ଟୋମାଇନ, ହରର ଶୋ', ଜାଭିୟର୍ସ ଗଟ୍ ଟ୍ୟାଲେଣ୍ଟ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳର ପ୍ରତିଯୋଗୀମାନେ ୪ ବିଭାଗରେ ପ୍ରଥମ ଏବଂ ୨ ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏହି ସଫଳତା ପାଇଁ କ୍ରୀଡ଼ା ଶିକ୍ଷୟିତ୍ରୀ ନର୍ମଦା ମହାପାତ୍ର ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋତି ସାହୁ, ଜିତେନ୍ଦ୍ର ବେହେରାଙ୍କ ସମେତ ଶିକ୍ଷାନୁଷ୍ଠାନର କର୍ମଚାରୀ ଏବଂ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

## ୯ କି.ମି. ଲାଗି ଖର୍ଚ୍ଚ ହେବ ୪.୪୨ କୋଟି

**ରେଙ୍ଗାଲି ଲେଫ୍ଟ ମୁଖ୍ୟ କେନାଲ ରାସ୍ତାର ଶିଳାନ୍ୟାସ**

**ପରଜଙ୍ଗ, ୩।୧ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୧୪୯ନଂ. ଜାତୀୟ ରାଜପଥର କୁଲେଇଠାରୁ ୫୩ନଂ. ଜାତୀୟ ରାଜପଥ ବଡ଼ଝରା ପର୍ଯ୍ୟନ୍ତ ରେଙ୍ଗାଲି ବାମପାର୍ଶ୍ୱ (ଲେଫ୍ଟ) କେନାଲ ରାସ୍ତାର ଉନ୍ନତୀକରଣ ଲାଗି ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଓଡ଼ିଶା ସରକାର ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟକ ଡ. ନୃସିଂହ ଚରଣ ସାହୁ ଉପସ୍ଥିତ ଥିଲେ।

ପ୍ରାୟ ୯ କି.ମି. ଦୀର୍ଘ ଏହି ରାସ୍ତା ନିର୍ମାଣରେ ୪ କୋଟି ୪୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ସେପ୍ଟେମ୍ବର ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଉକ୍ତ ରାସ୍ତା ପୂର୍ଣ୍ଣାଙ୍ଗ ରୂପ ନେଲେ ପରଜଙ୍ଗରୁ କାମାକ୍ଷାନଗରକୁ ଦୂରତା କମିବ। ତାଳଚେର ସମଲଠାରୁ ରେଙ୍ଗାଲି ବାମପାର୍ଶ୍ୱ ମୁଖ୍ୟ କେନାଲ ରାସ୍ତା ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିରହିଥିଲା। ଏହାର ଶିଳାନ୍ୟାସ ପରେ ଯାତ୍ରୀ, ଗାଡ଼ିଚାଳକ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

ସହକାରୀ ଯନ୍ତ୍ରୀ ଅମ୍ଳାନ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ମଙ୍ଗୁଲୁ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରୁନୁ ବର୍ମା, ନିରାକାର ପ୍ରଧାନ, ଆମ୍ବା ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ଇନ୍‌କ୍ସଟାକୋ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦଳ।

## ମଙ୍ଗଳ ବିଭାଗ ଅଫିସରେ ପୋଲିସର ତନାଘନା

**ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି**

**ଢେଙ୍କାନାଳ ଅଫିସ, ୩।୧**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଭେଜିଆ ସେବାଶ୍ରମ ସ୍କୁଲର ଶିକ୍ଷକ ଅଶୋକ କୁମାର ନାୟକଙ୍କ ନାମରେ ଜାଲ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଅଭିଯୋଗ ଆସିବା ପରେ ମଙ୍ଗଳବାର ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଅଶୋକ ଜାଲ୍ ସାର୍ଟିଫିକେଟ ଦାଖଲ କରିଥିବା ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ୍ କର୍ତ୍ତୃପକ୍ଷ ସନ୍ଦେହ କରିଥିଲେ। ଏହାର ଯାଞ୍ଚ କରିବା ଲାଗି ପତ୍ର ସଂଖ୍ୟା ୫୬୩ ଅନୁଯାୟୀ ୨୦୨୨ ମାର୍ଚ୍ଚ ୧୦ରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏହାପରେ ଜିଲା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ପରଜଙ୍ଗ ଥାନାରେ ମାମଲା ରୁଜୁ କରାଯାଇଥିଲା। ଏ ସମ୍ପର୍କରେ ଅଧିକ ତଦନ୍ତ ପାଇଁ ପରଜଙ୍ଗ ପୋଲିସ ମଙ୍ଗଳବାର ଜିଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟକୁ ଆସି କାଗଜପତ୍ର ଯାଞ୍ଚ କରିଛି।

ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି କୁହନ୍ତି, ଶିକ୍ଷକ ଅଶୋକ କୁମାର ନାୟକଙ୍କ ସାର୍ଟିଫିକେଟ ଓ କାଗଜପତ୍ର ଜାଲ୍ ଜଣାପଡୁଥିବା ନେଇ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ୍ ପକ୍ଷରୁ ପତ୍ର ଆସିଥିଲା। ତେବେ ସାର୍ଟିଫିକେଟ୍ ଜାଲ୍ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇ ନ ଥିଲା। ତେଣୁ ନିୟମ ଅନୁଯାୟୀ ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ମାମଲା ରୁଜୁ କରାଯାଇଥିଲା। ତଦନୁଯାୟୀ ପରଜଙ୍ଗ ପୋଲିସ କାର୍ଯ୍ୟାଳୟକୁ ଆସି ତଦନ୍ତ କରିଥିବା ଜିଲା ମଙ୍ଗଳ ଅଧିକାରୀ ସୂଚନା ଦେଇଛନ୍ତି।



**ରଙ୍ଗୋଲିରେ 'ଓଲି':** ହକି ବିଶ୍ୱକପ୍ ଉପଲକ୍ଷେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇସ୍ଥିତ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ମଙ୍ଗଳବାର ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହକି ବିଶ୍ୱକପ୍‌ର ମାସ୍କଟ୍ 'ଓଲି' ସମେତ ଏ ସମ୍ପର୍କିତ ଚିତ୍ରକୁ ରଙ୍ଗୋଲି ମାଧ୍ୟମରେ ପ୍ରଦର୍ଶିତ କରିଥିଲେ ଛାତ୍ରୀଛାତ୍ର।

## ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା




**ଢେଙ୍କାନାଳ ଅଫିସ, ୩।୧**

ଢେଙ୍କାନାଳ ସଦର ବ୍ଲକ କନ୍ଧପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗି ରହିଥିବା ଶିକ୍ଷକ ଅଭାବ ପ୍ରତିବାଦରେ ତାତିଛନ୍ତି ଛାତ୍ରୀଛାତ୍ର ଏବଂ ଅଭିଭାବକ। ସେମାନେ ଭୋକଓପାସରେ ସ୍କୁଲ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇ ଅସନ୍ତୋଷ ଝାଡ଼ିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୧୫ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାନୁଷ୍ଠାନ ଲାଗି ଅନ୍ୟୂନ ୫ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ୩ଜଣରେ କାମ ଚାଲିଛି। ଆଗକୁ ବାର୍ଷିକ ପରୀକ୍ଷା ଥିବାବେଳେ ଶିକ୍ଷାଦାନ ପ୍ରଭାବିତ ହେଉଛି। ତେଣୁ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରି ଛାତ୍ରୀଛାତ୍ର ଧାରଣାକୁ ଓହ୍ଲାଇଥିଲେ। ସୂଚନା ପାଇ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ପାଣି କୁହନ୍ତି, ଜଣେ ଶିକ୍ଷକଙ୍କୁ ପଦୋନ୍ନତି ମିଳିବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ଖୁବଶୀଘ୍ର ସେଠାରେ ଜଣେ ଶିକ୍ଷକ ନିଯୁକ୍ତି ହେବେ।

## କେନ୍ଦ୍ରମନ୍ତ୍ରୀଙ୍କ ଏନ୍‌ଏଚ୍ କାର୍ଯ୍ୟ ସମୀକ୍ଷା

**ଢେଙ୍କାନାଳ ଅଫିସ, ୩।୧**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଢେଙ୍କାନାଳରେ ଗସ୍ତରେ ଆସି ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ଜିଲାପାଳ ସରୋଜ କୁମାର ସେଠୀ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ତୁରନ୍ତ ପ୍ରକଳ୍ପ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ କରିବା ଲାଗି ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପୋଖରୀ ଭଳି ଭାଗୀରଥି ସାଗର ନୂଆପୋଖରୀ ସୌନ୍ଦର୍ଯ୍ୟକରଣ, ୯ନଂ. ୱାର୍ଡ ବାଙ୍କୁଆଳ ଗ୍ରାମରେ ଥିବା ୫ ଏକର ସରକାରୀ ଜାଗା ସ୍ମାର୍ଟ ପାର୍କ, ସୁଆଗୀ ଓ ବଡ଼ଯୋରା ଶ୍ମଶାନକୁ ସ୍ମାର୍ଟ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ।

ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ପ୍ରଧାନ, ନିରୋଜ ନଳିନୀ ମହାଳିକ, ପ୍ରେମାନନ୍ଦ ଜେନା, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ସତ୍ୟରଞ୍ଜନ ଭୂୟାଁ, ଲକ୍ଷ୍ମୀକାନ୍ତ ଦଳେଇ, ନୀରୋଦ ସାହୁ, ମମତା ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ଦତ୍ତାତ୍ରେୟ ସାଇଆଶ୍ରମର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କ ଦଶାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ପୌରାଧ୍ୟକ୍ଷା, ଭାଜପା କାଉନ୍‌ସିଲରଙ୍କ ସହ କେନ୍ଦ୍ରମନ୍ତ୍ରୀ।

## ସ୍ମରଣୀୟ ହେବ ସାଧାରଣତନ୍ତ୍ର ଦିବସ

- ୮ଟାରେ ଷ୍ଟାଡିୟମ୍‌ରେ ତ୍ରିରଙ୍ଗା ଉତ୍ତୋଳନ
- ଅପରାହ୍ନରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ
- ସନ୍ଧ୍ୟାରେ ଟାଉନହଲ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୩।୧**

୭୪ତମ ସାଧାରଣତନ୍ତ୍ର ଦିବସ ଏବଂ ବିଶ୍ୱକପ୍ ହକିକୁ ସ୍ମରଣୀୟ କରିବା ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାବାସୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

ସାଧାରଣତନ୍ତ୍ର ଦିବସ ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୁନ ପରିବେଷଣ କରାଯିବ। ପୂର୍ବାହ୍ନ ସାଢ଼େ ୭ଟାରେ ବିଭିନ୍ନ ସ୍ଥାନରେ ପତାକା ଉତ୍ତୋଳନ, ୭ଟା ୪୫ରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଢ଼େ ୮ଟାରେ ଷ୍ଟାଡିୟମ୍ ମିଳିତ ପରେଡ ଅନୁଷ୍ଠିତ ହେବ। ଏଥିରେ ପୋଲିସ ବାହିନୀ, ଓଏସ୍‌ଏପି ପ୍ରଥମ ବାଟାଲିୟନ, ପୋଲିସ ବ୍ୟାଣ୍ଡ ଦଳ ସମେତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ। ଅପରାହ୍ନରେ ଷ୍ଟାଡିୟମ୍‌ରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ୍‌ହଲ୍‌ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଜାତୀୟ ଦିବସ ଉପଲକ୍ଷେ ସହରକୁ ରଙ୍ଗିନ ଆଲୋକମାଳାରେ ସଜାଯିବ। ଜାନୁୟାରୀ ୨୬ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ଆସନ୍ତା ୫ ତାରିଖ ସନ୍ଧ୍ୟାରେ ଜିଲାକୁ ବିଶ୍ୱକପ୍ ହକି ଟ୍ରଫି ଆସୁଥିବାରୁ ଏହାକୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ପ୍ରଶାସନ ଅଧିକାରୀ ଏବଂ ରାଜନୈତିକ ନେତୃବୃନ୍ଦ।

